

ସଂପ୍ରସାରଣ ପୁସ୍ତିକା-୨୦୧୪

# ସ୍ଥାୟୀ ରୋଜଗାର ପାଇଁ ସମନ୍ୱିତ କୃଷି ପ୍ରଣାଳୀ


ଲେଖକ ଓ ସଂପାଦକ

**ଡ଼ଃ. ବିନୀତା ଶତପଥୀ**
କୃଷି ସମ୍ପ୍ରସାରଣ ବିଶେଷଜ୍ଞ

**ଡ଼ଃ. ଦେବବ୍ରତ ପାଣିଗ୍ରାହୀ**
କାର୍ଯ୍ୟକ୍ରମ ସଂଯୋଜକ

**ଶ୍ରୀ ତୀର୍ଯ୍ୟକ କୁମାର ସାମନ୍ତ**
କ୍ଷେତ୍ର ବିଜ୍ଞାନ ବିଶେଷଜ୍ଞ



କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ

# ସମନ୍ୱିତ କୃଷି ପ୍ରଣାଳୀ

କୃଷକ ପରିବାର ପାଖରେ ଯାହା ବି ସମ୍ବଳ ଅଛି ତାର ସଦୁପଯୋଗ କରି ସମଗ୍ର ପରିବାରର ଭରଣ ପୋଷଣ ସହିତ ସମସ୍ତ ଚାଷ କ୍ରିୟାକୁ କୃଷି ପ୍ରଣାଳୀ ବା ଫାର୍ମିଙ୍ଗ ସିଷ୍ଟମ କୁହାଯାଏ । ଏକ ନିର୍ଦ୍ଦିଷ୍ଟ ଜମିରେ, ଏକ ନିର୍ଦ୍ଦିଷ୍ଟ ସମୟରେ କୃଷି ସହିତ ବିଭିନ୍ନ ଆନୁସଙ୍ଗିକ କୃଷି ଯଥା ଉଦ୍ୟାନଭିତ୍ତିକ ପନିପରିବା, ଫଳ, ଫୁଲ ଚାଷ, ଘାସ, ବନ୍ୟ ବୃକ୍ଷ, ଛତୁ, ମହୁ, ଜିଆ ଖତ, ମାଛ, କୁକୁଡ଼ା, ଗାଈ ଓ ବତକ ପାଳନ କରି ଉନ୍ନତ ମାନର ଖାଦ୍ୟ ପାଇବା ସହିତ ଅର୍ଥନୈତିକ ଅବସ୍ଥାର ଉନ୍ନତି ଘଟାଇ ବେକାର ସମସ୍ୟା ଦୂର କରି ପରିବେଶକୁ ସୁରକ୍ଷିତ ରଖିବାକୁ ସମନ୍ୱିତ କୃଷି ପଦ୍ଧତି କୁହାଯାଏ । ଏହା ଚାଷୀକୁ ଖାଦ୍ୟ, ପୁଷ୍ଟି ଓ ଆର୍ଥିକ ନିରାପତ୍ତା ଯୋଗାଇଥାଏ ।

**ବର୍ତ୍ତମାନ କୃଷିର ଏକ ପରିଦୃଶ୍ୟ**

ଜନସଂଖ୍ୟା ଦ୍ରୁତ ଗତିରେ ବଢ଼ିବା ଯୋଗୁଁ ଖାଦ୍ୟ ଉତ୍ପାଦନ ଓ ଆବଶ୍ୟକତା ମଧ୍ୟରେ ଅସନ୍ତୁଳନ ଦେଖାଦେଉଛି । ଫଳସ୍ୱରୂପ ଏକ ପାଖରେ ଖାଦ୍ୟ ଓ ଚାରାର ଦାମ୍ ବୃଦ୍ଧି ହେଉଛି ଓ ଆରପାଖରେ ଜମି, ଜଳ ଓ ଶ୍ରମ ମଧ୍ୟ କମି କମି ଯାଉଛି । ଜଳବାୟୁ ଓ ପରିବେଶରେ ଅନେକ ପରିବର୍ତ୍ତନ ଦେଖାଯାଉଛି । ଉପରୋକ୍ତ କାରଣଗୁଡ଼ିକ ପାଇଁ କୃଷି ଉତ୍ପାଦକତା ମଧ୍ୟ ପ୍ରଭାବିତ ହେଉଛି । ଏହି ପରିପ୍ରେକ୍ଷୀରେ ସମନ୍ୱିତ କୃଷି ପ୍ରଣାଳୀର ଭୂମିକା ରହିଛି ।


**ସମନ୍ୱିତ କୃଷି ପ୍ରଣାଳୀର ମୁଖ୍ୟ ଉଦ୍ଦେଶ୍ୟ**

- ଖାଦ୍ୟ ନିରାପତ୍ତା
- ଚାଷୀର ଆର୍ଥିକ ମାନଦଣ୍ଡ ବୃଦ୍ଧି
- ମାଟିର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଉନ୍ନତି
- ପୂର୍ବ ଫସଲର ଜୈବିକ ଅବଶିଷ୍ଟାଂଶର ପୁନର୍ବାର ବ୍ୟବହାର
- ବିଭିନ୍ନ କୃଷି ଓ ଆନୁସଙ୍ଗିକ କୃଷିରେ ଦକ୍ଷତା ବୃଦ୍ଧି
- ପରିବେଶ ସୁରକ୍ଷା
- କର୍ମ ନିଯୁକ୍ତି ସୁଯୋଗ
- ସମୁଦାୟ ଉତ୍ପାଦନର ଖର୍ଚ୍ଚରେ ହ୍ରାସ

**ସମନ୍ୱିତ କୃଷି ପ୍ରଣାଳୀର ବିଭିନ୍ନ ଉପାଂଶ**

- ଖାଦ୍ୟ ଶସ୍ୟ ଚାହିଦା ପୂରଣ ପାଇଁ ଧାନ, ମକା ଆଦି ଖାଦ୍ୟ ଶସ୍ୟ, ହରଡ଼, ମୁଗ, ବିରି
- ଆଦି ଡ଼ାଲି ଜାତୀୟ ଫସଲ, ଚିନାବାଦାମ, ରାଶି, ସୋରିଷ ଆଦି ତୈଳବୀଜ ଫସଲ
- ଚାଷ + ପନିପରିବା ଚାଷ
- ଫଳ ବୃକ୍ଷ ଚାଷ + ବନବୃକ୍ଷ ଚାଷ + ଜିଆଖତ ଉତ୍ପାଦନ
- ମାଛ ଚାଷ + ପନିପରିବା ଚାଷ + ଗୋଖାଦ୍ୟ ଚାଷ + ପଶୁପାଳନ
- ମାଛ ଚାଷ + ପୋଖରୀ ପୋଖରୀ ହୁଡ଼ାରେ ବିଭିନ୍ନ ପନିପରିବା ଚାଷ
- ଧାନ + ପନିପରିବା + ଛତୁ ଚାଷ + ମହୁ ଚାଷ

ସମନ୍ୱିତ କୃଷି ପ୍ରଣାଳୀ ଦ୍ୱାରା କୃଷି ଓ ଆନୁସଙ୍ଗିକ ଚାଷ କ୍ଷେତ୍ରରେ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ସହିତ ମାଟି, ଜଳ ଓ ଜମିର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ମାଟିରେ କାର୍ବନିକ୍ ପଦାର୍ଥର ମାତ୍ରା ବଢ଼ିଯିବା ସଙ୍ଗେ ଜଳ ସଂରକ୍ଷଣ କରିବାର କ୍ଷମତାରେ ପରିବର୍ତ୍ତନ ଦେଖାଯାଏ । ଫସଲ ଓ ପଶୁ ମାନଙ୍କର ଅବଶେଷର ପୁନଃବ୍ୟବହାର ଦ୍ୱାରା ଜମିର ଉର୍ବରତା ବଢ଼େ ।




## ଅର୍ଥାତ୍ ଖାଦ୍ୟ, ନିଯୁକ୍ତି ଓ ପରିବେଶ ନିରାପତ୍ତା

ଆମ ଜିଲ୍ଲାର ମୁଖ୍ୟ ଫସଲ ଧାନ । କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ମାନଙ୍କ ପାଇଁ ଧାନ ଚାଷ ଏକ ଚିନ୍ତାର ବିଷୟ ହୋଇ ରହିଛି । ଏହି ପରିସ୍ଥିତି ରେ ଧାନ ଭିତ୍ତିକ ସମନ୍ୱିତ କୃଷି କରିବା ପାଇଁ ଚାଷୀ ଭାଇମାନେ ପନିପରିବା ଚାଷ, ଫଳ ଚାଷ, ଫୁଲ ଚାଷ, ମହୁମାଛି ପାଳନ ଓ କୁକୁଡ଼ା ପାଳନ କରି ଏକ ସ୍ଥାୟୀ ରୋଜଗାର ର ଆଶା କରିପାରିବେ ।

### ସମନ୍ୱିତ ଚାଷ ପାଇଁ ସ୍ଥାନ ଚୟନ

- ବାଲିଆ, ଦୋରସା, ହାଲୁକା ମାଟି
- ଜଳସେଚନ ବ୍ୟବସ୍ଥା
- ସୁରକ୍ଷିତ ପରିସ୍ଥିତି
- ସହରର ନିକଟତର ସ୍ଥାନ

ଜଳସେଚିତ ବ୍ୟବସ୍ଥା ଥିବା ସ୍ଥାନରେ ଧାନ ଭିତ୍ତିକ ସମନ୍ୱିତ କୃଷି ଉପାଦାନର ଏକ ନମୁନା ।

ଧାନ + ମାଛ ଚାଷ + ପନିପରିବା + ଫଳ + ଫୁଲଚାଷ + କୁକୁଡ଼ା ପାଳନ + ଛତୁ ଚାଷ




**ଉତ୍ପାଦକତା (ବର୍ଷକୁ ହେକ୍ଟର ପିଛା)**

| | |
|---|---|
| ଖାଦ୍ୟ ଫସଲ : ୧୬-୧୮ ଟନ୍ | ମାଛ ଓ ଚିଙ୍ଗୁଡ଼ି : ୦.୪-୦.୫ ଟନ୍ |
| ପଶୁ ଖାଦ୍ୟ : ୫-୬ ଟନ୍ | ମାଂସ (ବତକ ଓ କୁକୁଡ଼ା) : ୦.୫-୦.୬ ଟନ୍ |

ଗୋଟିଏ ମଧ୍ୟମ ପରିବାର ପାଇଁ (୨ ବୟସ୍କ + ୨ ପିଲା), ଏହି ପ୍ରଣାଳୀ ଖାଦ୍ୟ ଆବଶ୍ୟକତା ମେଣ୍ଟାଇବା ପରେ ମାସକୁ ୭୦୦୦-୮୦୦୦ ଟଙ୍କା ରୋଜଗାର ଦେଇପାରିବ ।

## ଡ଼ିଜାଇନ୍ ପରିକଳ୍ପନା




ଏକ ଏକର ଚାଷ ଜମି ଯେଉଁଥିରେ ୪ ଟି ମୁଖ୍ୟ ପ୍ଲଟ (୫୦୦ ବର୍ଗ ମିଟର) ଧାନ ଫସଲ ପାଇଁ ଓ ୨୪୦୦ ବର୍ଗ ମିଟରର ମାଛ ଯାଆଁଳା ଛାଡ଼ିବା ପାଇଁ ହୁଡ଼ାର ବ୍ୟବଧାନ ( ୧.୨ ମି. ଲମ୍ବା ଓ ୨ ମିଟର ଚଉଡ଼ା) ତିଆରି କରନ୍ତୁ ।

ହୁଡ଼ା ଟେକିବାପରେ ଯେଉଁ ଗଡ଼ାଣି ହେଲା ସେଥିରେ ଆମେ ଘାସଲତା, ପରିବା ଓ ଡ଼ାଲି ଜାତୀୟ ଫସଲ ମଧ୍ୟ କରିପାରିବା ।

ତିଆରି କରିବା ଖର୍ଚ୍ଚ ପ୍ରାୟ ୭୦,୦୦୦/-

## ସ୍ଥାୟୀ ରୋଜଗାର ପାଇଁ ଚାଷ ପର୍ଯ୍ୟାୟ



### ଧାନ- ଧାନ- ଧାନ

ଖରିଫ ଋତୁରେ ଅଧିକ ଅମଳକ୍ଷମ ଧାନ କିସମ (ଦୁର୍ଗା/ ସାରଳା/ ଗାୟତ୍ରୀ); ରବି ଋତୁରେ ନବୀନ ଓ ଖରାଦିନରେ ବନ୍ଦନା ଲଗାନ୍ତୁ ।

ଅଧିକ ରୁ ଅଧିକ ଖତ (୫ ଟନ୍/ ହେକ୍ଟର) ବ୍ୟବହାର କରନ୍ତୁ ।

ଆବଶ୍ୟକ ଅନୁଯାୟୀ ସାର ପ୍ରୟୋଗ କରନ୍ତୁ । ବିଭିନ୍ନ କିସମର **ମାଛଚାଷ** ଖରିଫ ଋତୁରେ ମାଛ ଯାଆଁଳ କିସମ (କାତଲା, ରୁହି, ମିରିଗାଲି) ଏକ ମୁଖ୍ୟ ପ୍ଲଟ୍‌ରେ ଛାଡ଼ନ୍ତୁ ।

ମାଛ ଖାଦ୍ୟ ପାଇଁ ଧାନ କୁଣ୍ଡା ଓ ଗୋବର ଖତ ବ୍ୟବହାର କରନ୍ତୁ ।

### ପୋଖରୀ ହୁଡ଼ା ଚାଷ

ଖରିଫ ଋତୁରେ ପନିପରିବା -




କଖାରୁ, ଝୁଡ଼ଙ୍ଗ, ପିଆଜ, ଭେଣ୍ଡି, ବାଇଗଣ ଲଗାନ୍ତୁ । ଶୀତ ଦିନରେ କୋବି, ଟମାଟୋ, ଗାଜର, ମୂଳା, ଧଣିଆ, ପାଳଙ୍ଗ ଓ ମେଥି ଶାଗ ଲଗାନ୍ତୁ । ଖରା ଦିନରେ କାକୁଡ଼ି, କଖାରୁ ଓ ତରଭୁଜ ଲଗାନ୍ତୁ । ମକା ମଧ୍ୟ ଲଗାଇପାରିବେ ।

ଡ଼ାଲି ଜାତୀୟ ଫସଲ : ମୁଗ, ବିରି ଗଡ଼ାଣିଆରେ ଓ ହୁଡ଼ାରେ ହରଡ଼ ଲଗାନ୍ତୁ ।

### ପୋଖରୀ ହୁଡ଼ାରେ ଫସଲ ପର୍ଯ୍ୟାୟକ୍ରମ




ଭେଣ୍ଡି - ମୂଳା - ଟମାଟୋ - ଲଙ୍କା - ମକା

ଭେଣ୍ଡି - ଟମାଟୋ - ବନ୍ଧାକୋବି - ଶାଗ

ପୋଇଶାଗ - ବାଇଗଣ - ପିଆଜ - ମକା

ଝୁଡ଼ଙ୍ଗ - ଲଙ୍କା - ହଳଦୀ - ଅଦା - ଫୁଲକୋବି

**ଫଳ ଚାଷ :** କଦଳୀ (ଜି-୯, କେଭେଣ୍ଡିସ୍) ଦୁଇ ଧାଡ଼ିରେ ଲଗାନ୍ତୁ (୧୫୦-୧୬୦ ଟି), ଅମୃତଭଣ୍ଡା (ହନି ଡ଼ିଉ, ପୁସା ଡ୍ୱାର୍ଫ), ୬୦-୭୦ ଟି ଗୋଟିଏ ଧାଡ଼ିରେ ଏବଂ ଅନ୍ତ ଚାଷ ହିସାବରେ ସପୁରୀ ପଣସ, ପିଜୁଳି ।




ଗଛ : ଶାଗୁଆନ (୫ ଟି), ନିମ୍ବ (୧ଟି), ଗୁଆ ଗଛ (୪୦ଟି), ଅଁଳା (୨ଟି), ୧୦ ଫୁଟ୍ ଅନ୍ତରରେ ଲଗାନ୍ତୁ ।

## ଛତୁ



୪-୬ ଟି ଛତୁ ବେଡ଼ ଛାଇଥିବା ସ୍ଥାନରେ ଲଗାନ୍ତୁ (୧ମି. x ୧ମି.)

## କୁକୁଡ଼ା ଓ ବତକ ପାଳନ



ବତକ ଘର : ଗୋଟିଏ ବତକ ଘର କରି (୫ମି. x ୫ମି. x ୫ମି.) ୭୦ ଟି ବତକ ରଖିପାରିବେ ।

ବାଡ଼ି ଅଗଣାରେ କୁକୁଡ଼ା ପାଳନ କରିପାରିବେ । ୧୦ x ୧୦ x ୧୦ sq.ft. ରେ ୫୦ଟି କୁକୁଡ଼ା ରଖିପାରିବେ ।

## ମହୁମାଛି ପାଳନ



ମହୁମାଛି ଶସ୍ୟ ଜାତୀୟ ଫଳ ଗଛରେ ପରାଗମ କରିଥାଏ ଯଦ୍ୱାରା ଫଳ ଉତ୍ପାଦନ ସମ୍ଭବ ହୋଇପାରିଥାଏ । ଫୁଲରୁ ପରାଗ ସଂଗ୍ରହ କରି ମାଛି ମହୁ ତିଆର କରିଥାଏ । ବ୍ୟବସାୟିକ ଭିତ୍ତିରେ ମହୁମାଛି ପାଳନ ମଧ୍ୟ କରାଯାଇ ପାରିବ ।

## ସମନ୍ୱିତ ଫସଲ - ପଶୁ ସମ୍ପଦ କୃଷି ପ୍ରଣାଳୀ

ଜନସଂଖ୍ୟା ବୃଦ୍ଧି, ସହରୀକରଣ ଓ ରୋଜଗାର ବୃଦ୍ଧି ଯୋଗୁଁ ଅଣ୍ଡା ଓ ମାଂସର ଚାହିଦା ଯଥେଷ୍ଟ ବଢ଼ିଛି । ପରିବେଶର ସୁରକ୍ଷାକୁ ଆଖି ଆଗରେ ରଖି ଖାଦ୍ୟ ଶସ୍ୟ ସହିତ ପଶୁଧନର ଉତ୍ପାଦନ ବଢ଼ିବାର ଆବଶ୍ୟକ ରହିଛି । ଏହି ପରିପ୍ରେକ୍ଷୀରେ ସମନ୍ୱିତ କୃଷି ପ୍ରଣାଳୀର ଆବଶ୍ୟକତା ରହିଛି । ଫସଲ ଉତ୍ପାଦନ ସହିତ ପଶୁପାଳନ ଅନେକ ଆଗରୁ ମନୁଷ୍ୟର ଏକ ମୁଖ୍ୟ ଉଦ୍ୟମ । ପଶୁ ଗୋବରରୁ ଖତ ମିଳେ ଯଦ୍ୱାରା ଫସଲ ଉତ୍ପାଦନ ପାଇଁ ମାଟିର ଉର୍ବରତା ବୃଦ୍ଧି ହୁଏ । ପଶୁପାଳନ ସାଧାରଣତଃ କ୍ଷୀର, ମାଂସ, ଅଣ୍ଡା ପାଇଁ କରାଯାଏ ତଥା ଗାଇ, ଛେଳି, ମେଣ୍ଢା, କୁକୁଡ଼ା ଆଦି ପାଳନ କରାଯାଏ ।



## ପରିବାର ର ଖାଦ୍ୟ ନିରାପତ୍ତା ପାଇଁ ଫସଲ ଏକକ ଖର୍ଚ୍ଚ ଓ ଲାଭ ବିବରଣୀ

| ଉଦ୍ୟୋଗ | ମାପ | ସମୁଦାୟ ଆୟ | ଉତ୍ପାଦନ ଖର୍ଚ୍ଚ | ମୋଟ୍ ଆୟ |
|---|---|---|---|---|
| ଧାନ + ଡାଲି ଫସଲ | ୨ ହେକ୍ଟର | ୧,୭୬,୦୦୦ | ୧,୧୯,୩୮୦ | ୫୬,୬୨୦ |
| ହଳଦ଼ି + ଆଳୁ | ୦.୪ ହେକ୍ଟର | ୮୦,୮୦୦ | ୩୧,୯୮୮ | ୪୮,୮୧୨ |
| ଧାନ + ଟମାଟୋ + ଭେଣ୍ଡି | ୦.୬ ହେକ୍ଟର | ୨,୩୭,୩୦୦ | ୧,୦୫,୦୭୨ | ୧,୩୨,୨୨୮ |
| ପୋଖରୀ ହୁଡ଼ା ଚାଷ (ଅମୃତଭଣ୍ଡା ଓ ସଜନା) | ୧୦୦ ଗଛ + ୩୦ ଗଛ | ୨୩,୦୦୦ | ୮,୧୦୨ | ୧୪,୮୯୦ |
| ଛତୁ ଚାଷ | ୨୪୦ ପାଳଛତୁ ୩୬୦ ଧିଙ୍ଗିରୀ | ୩୩,୬୦୦ | ୨୧,୨୧୦ | ୧୨,୩୯୦ |
| ବତକ | ୬୦୦ଟି | ୯୬,୦୦୦ | ୪୬,୮୫୩ | ୪୯,୧୪୩ |
| ଗୋପାଳନ | ୧ ଯୋଡ଼ା ବଳଦ + ୨ଟି ଗାଈ | ୭୯,୨୦୦ | ୬୦,୦୦୦ | ୧୯,୨୦୦ |
| ମାଛ | ୦.୨ ହେକ୍ଟର | ୧,୦୮,୦୦୦ | ୩୫,୦୦୦ | ୭୩,୦୦୦ |
| ମହୁ | ୫ଟି ବାକ୍ସ | ୫,୦୦୦ | ୨,୭୫୦ | ୨,୨୦୦ |
| | **ସମୁଦାୟ** | **୭,୪୨,୯୦୦** | **୪,୩୦,୩୫୫** | **୩,୧୨,୫୪୫** |

**ମୋଟ୍ ଆୟ = ୩,୧୨,୫୪୫**

### ସମନ୍ୱିତ କୃଷି ପ୍ରଣାଳୀ ଦ୍ୱାରା ଜୈବିକ କୃଷିର ପ୍ରୋତ୍ସାହନ

ସମନ୍ୱିତ କୃଷି ପଦ୍ଧତିରେ ଫସଲ ଅବଶିଷ୍ଟାଂଶ, ପଶୁ ମାନଙ୍କର ମଳ ଓ ମୂତ୍ର, ଜିଆ ଖତର ବ୍ୟବହାରରେ ମାଟିର ସୁରକ୍ଷା କରିବା ସହିତ, ଚାଷ ଖର୍ଚ୍ଚରେ ହ୍ରାସ ଓ ପରିବେଶ ଅନୁକୂଳ କରିବାରେ ସାହାଯ୍ୟ କରେ ।

**ବାୟୋଗ୍ୟାସ୍ ଉତ୍ପାଦନ**

ପଶୁ ଗୋବରର କମ୍ପୋଷ୍ଟ୍ ଉତ୍ପାଦନ, ଭର୍ମିକମ୍ପୋଷ୍ଟ ସହିତ ବାୟୋଗ୍ୟାସ୍ ଉତ୍ପାଦନ କରି ପରିବାରକୁ ଆଲୁଅ ଯୋଗାଇବା ସହିତ ଓ ଜାଳେଣିର ଖର୍ଚ୍ଚ କମ୍ କରିପାରିବେ ।

### ସମନ୍ୱିତ କୃଷି ପ୍ରଣାଳୀକୁ ଆଦୃତ କରାଇବା ପାଇଁ ଆମର ଯୋଜନା

**ସମ୍ବଳର ସର୍ବେକ୍ଷଣ କରିବା**

- ସମ୍ଭାବ୍ୟ ସ୍ଥାନର ଚିହ୍ନଟ ଗ୍ରାମୀଣ ସହଭାଗୀ ଅବଧାରଣା ସ୍ଥାନର ପ୍ରାଧାନ୍ୟ
- ଅନୁସନ୍ଧାନ
- କ୍ଷେତ୍ର ପରୀକ୍ଷଣ
- ସୂଚନା ଓ ପ୍ରଯୁକ୍ତ ବିଦ୍ୟା

**ଜନସାଧାରଣର ନିଜସ୍ୱ ସହଭାଗିତା**

**ଉପକରଣର ବ୍ୟବସ୍ଥା**

- ଅର୍ଥ ବ୍ୟବସ୍ଥା
- ଚାଷ ଉପକରଣ (ବିହନ, ସାର, ଔଷଧର ଉପଲବ୍ଧ)

**ବଜାର ବ୍ୟବସ୍ଥା**

ଉପସଂହାର : ବିଭିନ୍ନ କୃଷି ଓ ଆନୁସଙ୍ଗିକ କୃଷି ଭିତ୍ତିକ ଉଦ୍ୟୋଗ ଆଦୃତ କରିବା ଦ୍ୱାରା ଆମର ଉତ୍ପାଦନ ପଦ୍ଧତି ତ ନିଶ୍ଚିତ ବଦଳିବ ଏବଂ ସ୍ଥାୟୀ ରୋଜଗାର ଓ କୃଷି ବ୍ୟବସ୍ଥା ସହିତ ଖାଦ୍ୟ ନିରାପତ୍ତା ମଧ୍ୟ ମିଳିପାରିବ ।